ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୪୩

ବୁଲେଟିନ ନମ୍ବର :୮୫
ତାରିଖ : ୨୪.୧୦.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୮.୧୦.୨୦୨୫ ରୁ ୨୪.୧୦.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୩୭.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୧.୪-୩୩.୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୨.୫-୨୪.୫ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୭.୧୦.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 25-10-2025 | 2 | 32 | 22 | 2 | 89 | 51 | 3 | 90 |
| 26-10-2025 | 2 | 32 | 22 | 3 | 89 | 51 | 3 | 7 |
| 27-10-2025 | 7 | 32 | 21 | 5 | 90 | 55 | 4 | 11 |
| 28-10-2025 | 12 | 31 | 21 | 5 | 86 | 56 | 6 | 45 |
| 29-10-2025 | 30 | 31 | 21 | 6 | 89 | 72 | 13 | 56 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୨୫ ଓ ୨୬ ତାରିଖ ଦିନ ଅତି ସ୍ୱଳ୍ପ ବର୍ଷା, ୨୭ ଓ ୨୮ ତାରିଖ ସ୍ୱଳ୍ପ ବର୍ଷା ଓ ଏହା ପରେ ୨୯ ତାରିଖ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୩-୧୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୨ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୧-୨୨ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୬ ରୁ ୯୦ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୧-୭୨ ପ୍ରତିଶତ ମଧ୍ୟରେ ରହିବ ।

### ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)

ଆସନ୍ତା ୨୭ ଓ ୨୮ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି । ଆସନ୍ତା ୨୯ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

## କୃଷି ସୂଚନା

### ସାଧାରଣ ଉପଦେଶ

- ଆଗକୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ରବି ଫସଲ ବୁଣାବୁଣି, କୀଟନାଶକ ଓ ସାର ପ୍ରୟୋଗ ସାମୟିକ ସ୍ଥଗିତ ରଖନ୍ତୁ ।
- ଅମଳ ଉପଯୋଗୀ ଖରିଫ ଫସଲକୁ ଶୀଘ୍ର ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ବର୍ତମାନ ପନିପରିବା ଡଳିଘେରାରେ ଧଳାମାଛି, ପତ୍ରଡିଆଁ ପୋକ, ଜଉ ପୋକ ଆଦି ଦେଖା ଦେବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷପ ନିଅନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| **ଧାନ** | କ୍ଷୀର ଢୋକିବା ଅବସ୍ଥା | • ଧାନ ଫସଲରେ **ଗଳା ମହିଷା** ରୋଗର ପରିଚାଳନା ପ୍ରଥମେ ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ ପାଇଁ । ଜୈବିକ ଉପାୟରେ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୪ ଗ୍ରାମ *Trichoderma viridae* ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ମିଲି Hexaconazole କିମ୍ବା ୨୦୦ମିଲି Azoxystrobin ଓ Difenoconazoleର ମିଳିତ ଫିମ୍ପିନାଶକ କିମ୍ବା ୮୦ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| **ଆଖୁ** | ବିଶେଷ ଅଭିବୃଦ୍ଧି ଅବସ୍ଥା | • ବର୍ତମାନର ଶୁଖିଲା ପାଗରେ ଆଖୁ ଫସଲରେ **କାତି ପୋକ** ଲାଗିବାର ସମ୍ଭାବନା ଅଛି । ଜୈବିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକ ଏକରକୁ ଗୋଟିଏ ଲେଖାଏଁ *Trichogramma chilonis* କାର୍ଡ ପ୍ରତି ସପ୍ତାହ ଅନ୍ତରରେ ୬ଥର ବ୍ୟବହାର କରନ୍ତୁ । କାର୍ଡ ଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ |

| | | |
|---|---|---|
| | | ଲଗାନ୍ତୁ। ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୬୦ ଗ୍ରାମ Thiamethoxam କିମ୍ବା ୬୦ ମିଲି Imidacloprid କିମ୍ବା ୬୦ ଗ୍ରାମ Acetamiprid, ୨୦୦ଲିଟର ପାଣିରେ ମିଶାଇ ଜମିରେ ପ୍ରୟୋଗ କରନ୍ତୁ । |
| **ରାଶି** | ଫଳ ଧରିବା ଠାରୁ ଅମଳ ଅବସ୍ଥା | • ବର୍ତମାନର ଶୁଖିଲା ପାଗ ଓ ସକାଳ ସମୟରେ ନିୟମିତ କାକର ପଡିବା ଦ୍ଵାରା ରାଶି ଫସଲରେ **ପାଉଁଶିଆ ରୋଗ** ଦେଖା ଦେଇଛି । ଜୈବିକ ଉପାୟରେ ଏହି ରୋଗର ପରିଚାଳନା କରିବା ପାଇଁ ୧ମିଲି *Trichoderma viridae* ୫% L କୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୨୦୦ଗ୍ରାମ Triadimefon କିମ୍ବା ୧୦୦ମିଲି Penconazole ଔଷଧ କିମ୍ବା ୪୦ ଗ୍ରାମ Sulphur ୮୦%WP କୁ, ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ । |
| **ଚିନାବାଦାମ** | ଅମଳ ପରବର୍ତୀ ଅବସ୍ଥା | • ପଲିଥିନ ଯୁକ୍ତ ବସ୍ତାରେ ବାଦାମ ସାଇତି ରଖନ୍ତୁ। ପଲିଥିନ ଯୁକ୍ତ ବସ୍ତା ଭିତରକୁ ବାହାରର ଆର୍ଦ୍ରତା ସହଜରେ ପଶିପାରେ ନାହିଁ । ୩୦-କିଲୋଗ୍ରାମ ବିହନ ପାଇଁ ୨୫୦-ଗ୍ରାମ Calcium Chloride ବସ୍ତା ଅନୁଯାୟୀ ଗୋଟିଏ ପ୍ଲାଷ୍ଟିକ ଡବାରେ କନାରେ ଝୁଲାଇ ଡବା ମୁହଁ ବନ୍ଦ କରି ବସ୍ତା ମଝିରେ ରଖନ୍ତୁ ।<br>• ଡବା ଭିତରକୁ ବାୟୁ ପ୍ରବେଶ କରିବା ପାଇଁ ମୋଟା ଛୁଞ୍ଚିରେ ଡବାର ଉପରି ଭାଗରେ କେତୋଟି କଣା କରନ୍ତୁ। ବସ୍ତାର ମୁହଁ ବାନ୍ଧି ବସ୍ତାଟିକୁ ସିଧା ଭାବରେ ବାୟୁ ଚଳାଚଳ କରୁଥିବା ଘରେ ସାଇତି ରଖିଲେ ବାଦାମର ଗଜା ଶକ୍ତି ୮-୧୦ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହେ । |
| **ଆଳୁ** | ବିହନ ଲଗାଇବା ପୂର୍ବ ଅବସ୍ଥା | • ଆଳୁ ଲଗାଇବା ପାଇଁ ବର୍ତମାନ ଉପଯୁକ୍ତ ସମୟ । ଆଳୁର କେତୋଟି ଅଧିକ ଅମଳକ୍ଷମ କିସମ ହେଲା କୁଫ୍ରି ଜ୍ୟୋତି, କୁଫ୍ରି ବାଦଶାହା, କୁଫ୍ରି ଖ୍ୟାତି, କୁଫ୍ରି ସୁରିୟା, ଚିପସୋନା । ବିହନ ଆଳୁ ରୋଗ ମୁକ୍ତ ଏବଂ ଅନ୍ୟୁନ୍ୟ ୨୦ରୁ ୨୫ ଗ୍ରାମ ଓଜନର ହେବା ଦରକାର । ଏକ ଏକର ଆଳୁଚାଷ ପାଇଁ ଆଳୁଖଣ୍ଡର ଆକାର ଅନୁସାରେ ୬-୮ କୁଇଣ୍ଟାଲ ବିହନ ଆଳୁ ଆବଶ୍ୟକ ହୋଇଥାଏ । |
| **ପିଆଜ** | ବିହନ ଲଗାଇବା ପୂର୍ବ ଅବସ୍ଥା | • ଆମ ଓଡିଶାର ଜଳବାୟୁ ହିସାବରେ ଶୀତଦିନରେ ଭଲ ଅମଳ ହେଉଥିବା ପିଆଜର କେତୋଟି କିସମ ଗୁଡିକ ହେଲା ଏଗ୍ରୀ ଫାଉଣ୍ଡ ଲାଇଟ ରେଡ଼, ଏଗ୍ରୀ ଫାଉଣ୍ଡ ଡାର୍କ ରେଡ଼, ଭୀମା ଶକ୍ତି, ଭୀମା ସୁପର ଇତ୍ୟାଦି । ଏକ ଏକର ପିଆଜ ଚାଷ କରିବା ପାଇଁ ୪ କିଲୋଗ୍ରାମ ବିହନ ତଳି ରୋଇବା ପାଇଁ ଆବଶ୍ୟକ ହୁଏ । |
| **ଟମାଟୋ** | ତଳିଘେରା ଅବସ୍ଥା | • ଟମାଟୋ ଚାଷ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ, ୫୨ କିଲୋଗ୍ରାମ ଡିଏପି ଏବଂ ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଧାଡିକୁ ଧାଡି ୬୦ ସେ.ମି ଏବଂ ଗଛ କୁ ଗଛ ୪୫ ସେ.ମି ବ୍ୟବଧାନ ରଖି ଚାରା ଲଗାନ୍ତୁ । |
| **ଲଙ୍କାମରିଚ** | ତଳିଘେରା ଅବସ୍ଥା | • ଲଙ୍କାମରିଚ ଚାଷ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ, ୪୩ କିଲୋଗ୍ରାମ ଡିଏପି ଏବଂ ୨୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ଏବଂ ଧାଡି କୁ ଧାଡି ୬୦ ସେ.ମି ଏବଂ ଗଛ କୁ ଗଛ ୩୦-୪୫ ସେ.ମି ବ୍ୟବଧାନ ରଖି ଗୋଟିଏ କିମ୍ବା ୨ ଟି ଚାରା ଲଗାନ୍ତୁ। |
| **ଫୁଲକୋବି ଓ ବନ୍ଧାକୋବି** | ତଳି ରୋପଣ ଅବସ୍ଥା | • ସଅଳ କିସମ ଚାରାକୁ ଧାଡିକୁ ଧାଡି ୬୦ ସେ.ମି ଓ ଗଛ କୁ ଗଛ ୩୦ ସେ.ମି ବ୍ୟବଧାନରେ ଏବଂ ମଧ୍ୟମ ଓ ବିଳମ୍ବ କିସମ ଚାରାକୁ ଧାଡିକୁ ଧାଡି ୬୦-୭୫ ସେ.ମି ଏବଂ ଗଛକୁ ଗଛ ୪୦-୪୫ ସେ.ମି ବ୍ୟବଧାନରେ ଉପରବେଳା ଲଗାନ୍ତୁ। |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**